## କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କ କଲମରୁ

ସର୍ବେକ୍ଷଣ ଓ ପୂର୍ବାନୁମାନ ସମନ୍ୱିତ ରୋଗ ପୋକ ପରିଚାଳନାର ଦୁଇଟି ମୁଖ୍ୟ ଅଙ୍ଗ । ସର୍ବେକ୍ଷଣ ବା ପର୍ଯ୍ୟବେକ୍ଷଣର ଅର୍ଥ କ୍ଷେତକୁ ନିୟମିତ ଭାବରେ ଦୃଷ୍ଟି ଦେବା ଓ କ୍ଷତିକାରକ ରୋଗ ପୋକ ବିଷୟରେ ତଥ୍ୟ ସଂଗ୍ରହ କରି ଚାଷୀମାନଙ୍କୁ ଉଚିତ ପରାମର୍ଶ ଦେବା ।

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ , ଓଡିଶାର ଶସ୍ୟ ସଂରକ୍ଷଣ ବିଭାଗ , ରାଷ୍ଟ୍ରୀୟ ସୂଚନା କେନ୍ଦ୍ର,ଭୁବନେଶ୍ୱର, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ,କଟକ ର ମିଳିତ ଉଦ୍ୟମରେ ଓଡିଶାରେ ଚାଷ ହେଉଥିବା ୮ ଟି ମୁଖ୍ୟ ଫସଲ ଯଥା : ଧାନ, ମୁଗ , ବିରି, ହରଡ,ଚିନାବାଦାମ , ସୋରିଷ , ଆଖୁ ଓ କପା ଫସଲରେ ସର୍ବେକ୍ଷଣ କାର୍ଯ୍ୟକ୍ରମ ଇଣ୍ଟରନେଟ୍ ମାଧ୍ୟମରେ ଚାଲୁ ରଖିଛନ୍ତି ଓ ଏହାକୁ 'ଇ-ରୋଗ ପୋକ' ସର୍ବେକ୍ଷଣ କୁହାଯାଉଛି । ମାତ୍ର ସ୍ମାର୍ଟ ଫୋନ୍ ର ବହୁଳ ପ୍ରସାର ପରେ ଓ ମୋବାଇଲ ଆପ୍ ଗୁଡିକର ଲୋକପ୍ରିୟତାକୁ ଦେଖି ମୋବାଇଲ ଆପ୍ ମାଧ୍ୟମରେ ଏକ କୃଷକପ୍ରିୟ ଓ ପ୍ରଭାବୀ ସର୍ବେକ୍ଷଣ କାର୍ଯ୍ୟକ୍ରମ ନେବାପାଇଁ ସ୍ଥିର କରାଗଲା । ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ରାଷ୍ଟ୍ରୀୟ ସୂଚନା କେନ୍ଦ୍ରର ବୈଜ୍ଞାନିକମାନେ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରିଛନ୍ତି ।

ମୁଁ ଅନୁଭବ କରୁଛି ଏହି ଆପ୍ ରୋଗ ପୋକ ସର୍ବେକ୍ଷଣରେ ଏକ ନୂତନ ଯୁଗର ଆରମ୍ଭ କରିବ । ଏହି ଆପ୍ କୁ ପ୍ରସ୍ତୁତ କରିବାରେ ଆମ ବିଭାଗର କର୍ମଚାରୀ , ରାଷ୍ଟ୍ରୀୟ ସୂଚନା କେନ୍ଦ୍ର ଓ କୃଷି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାନଙ୍କ ଉଦ୍ୟମକୁ ମୁଁ ପ୍ରଶଂସା କରୁଛି ।